# ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ଦେବଗଡ

ପତ୍ର ସଂଖ୍ୟା- ୩୪ /ଗୃହରକ୍ଷୀ

ତା:- ୦୩/୦୩/୨୦୨୫

**ଦେବଗଡ ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ସୂଚନା**

ଦେବଗଡ ଜିଲ୍ଲା ଗୃହରକ୍ଷୀ ସଙ୍ଗଠନରେ ଗୃହରକ୍ଷୀ ଭାବରେ ନିଯୁକ୍ତି ପାଇଁ ଦେବଗଡ ଜିଲ୍ଲା ର ଆଗ୍ରହୀ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମ (ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ର ଫର୍ମ (A) ରେ ଦରଖାସ୍ତ ଆବେଦନ କରିବା ପାଇଁ ଆହ୍ୱାନ କରାଯାଉଛି। ଇଚ୍ଛୁକ ପ୍ରାର୍ଥୀଙ୍କୁ ସମଦେଷ୍ଟା ଗୃହରକ୍ଷୀ ବାହିନୀ ,ଦେବଗଡ ଙ୍କ କାର୍ଯ୍ୟାଳୟ ଠାରେ ତା-୦୫/୦୩/୨୦୨୫ ରିଖ ଠାରୁ ତା-୧୫/୦୩/୨୦୨୫ ରିଖ ସନ୍ଧ୍ୟା ୫.୦୦ ଟା ସୁଦ୍ଧା। ଆବେଦନ ଫର୍ମ ଦାଖଲ କରିବାକୁ ପଡିବ। ନିଯୁକ୍ତି ପରୀକ୍ଷା କେଉଁ ଠାରେ ଏବଂ କେବେ ଅନୁଷ୍ଠିତ ହେବ ଏହା ଆବେଦନକାରୀ ମାନେ ନିକଟସ୍ଥ ଥାନା ,ଫାଣ୍ଡି ଏବଂ ସମଦେଷ୍ଟା ଗୃହରକ୍ଷୀ ବାହିନୀ ଙ୍କ କାର୍ଯ୍ୟାଳୟ ଠାରୁ ବୁଝିପାରିବେ। କମ୍ପ୍ୟୁଟର ଜ୍ଞାନ ,ଗାଡି ଚାଳନା ଜ୍ଞାନ,ରୋଷେଇ ଜ୍ଞାନ,ବିଦ୍ୟୁତ ମିସ୍ତ୍ରୀ ଜ୍ଞାନ ,ପାଇପ ମିସ୍ତ୍ରୀ ଜ୍ଞାନ ଓ ଅନ୍ୟାନ୍ୟ କ୍ଷେତ୍ରରେ ଦକ୍ଷତା ଜ୍ଞାନ ଥିବା ବ୍ୟକ୍ତି ମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ।ମୋଟ ଖାଲି ଥିବା ପଦବୀ ସଂଖ୍ୟା-୬୦। ଯଦି ଆବେଦନକାରୀ ଙ୍କ ସଂଖ୍ୟା ଉପଲବ୍ଧ ଖାଲି ପଦବୀ ଠାରୁ ଅଧିକ ହୁଏ ,ତେବେ ଆବେଦନକାରୀଙ୍କୁ କିଛି ଚୟନ ପରୀକ୍ଷା / ସାକ୍ଷାତକାରର ସମ୍ମୁଖୀନ ହେବାକୁ ପଡିବ। ହୋମଗାର୍ଡ ସେବା ସ୍ଥାୟୀ ଚାକିରି ନୁହେଁ ଏହା ଏକ ସ୍ୱେଚ୍ଛାକୃତ ସେବା ଏବଂ ୩ ବର୍ଷର କାର୍ଯ୍ୟକାଳ ପାଇଁ ନିଯୁକ୍ତି । ଶୃଙ୍ଖଳା , ବହିଷ୍କାର ଏବଂ ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ଓଡିଶା ଗୃହରକ୍ଷୀ ଆଇନ ୧୯୬୧ ଏବଂ ଓଡିଶା ଗୃହରକ୍ଷୀ ନିୟମ ୧୯୬୨ ଏବଂ Circular Order No-01/2025 ଦ୍ୱାରା ନିୟନ୍ତ୍ରିତ ହେବ। ଆବେଦନ ଫର୍ମଗୁଡିକ ଏହି ଜିଲ୍ଲାର ସମସ୍ତ ଥାନା ,ଫାଣ୍ଡି ଓ ସମଦେଷ୍ଟା ଗୃହରକ୍ଷୀ ବାହିନୀଙ୍କ କାର୍ଯ୍ୟାଳୟ ଠାରେ ଉପଲବ୍ଧ ହେବ।

**ଯୋଗ୍ୟତା-**

୧. ଆବେଦନକକାରୀ ଦେବଗଡ ପୁଲିସ ଜିଲ୍ଲା ର ସ୍ଥାୟୀବାସିନ୍ଦା ହୋଇଥିବା ଆବଶ୍ୟକ।
୨. ଆବେଦନକକାରୀ ଅତିକମରେ ପଞ୍ଚମଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ।
୩. ଆବେଦନକକାରୀ ଓଡିଆ ଭାଷା ପଢି,ଲେଖିଏବଂ କହିପାରୁଥିବେ।
୪. ଆବେଦନକକାରୀ ସୁସ୍ଥ ଭଲ ଶରୀର ଏବଂ ଶରୀର ଦୁର୍ବଳତା ମୁକ୍ତ ହୋଇଥିବା ଆବଶ୍ୟକ।
୫. ଆବେଦନକାରୀଙ୍କ ବୟସ ୦୧.୦୧.୦୨୦୨୫ ସୁଦ୍ଧା ୨୦ବର୍ଷରୁ କମ କିମ୍ୱା ୬୦ ବର୍ଷରୁ ଉର୍ଦ୍ଧ ହୋଇ ନଥିବ.
୬. ଆବେଦନକକାରୀ ଙ୍କ ଚରିତ୍ର ଭଲ ହେବା ଉଚିତ ଏବଂ ତାଙ୍କ ବିରୁଦ୍ଧରେ କୌଣସି ଅପରାଧିକ ମାମଲା ବିଚାରଧିନ ନଥିବ।

**ଆବେଦନକକାରୀଙ୍କୁ ଫର୍ମ ସହିତ ଏହି ସବୁ ପ୍ରମାଣପତ୍ର ସଲଗ୍ନ କରିବାକୁ ପଡିବ:-**

୧.ଆବାସିକ ପ୍ରମାଣପତ୍ର ।
୨.ବୟସ ଏବଂ ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ର ।
୩.ଚାରିଗୋଟି ପାସପୋର୍ଟ ଆକାରର ରଙ୍ଗୀନ ଫଟୋ ।
୪. ଦକ୍ଷତା ଅନୁଯାୟୀ ପ୍ରମାଣପତ୍ର ।
୫. ପରିଚୟ ପ୍ରମାଣପତ୍ର ସ୍ୱରୂପ(ଆଧାର କାର୍ଡ/ଭୋଟର କାର୍ଡ) ।

ଯୋଗାଯୋଗ ନମ୍ବର-9937215040

ସମଦେଷ୍ଟା ଗୃହରକ୍ଷୀ ବାହିନୀ ,
ଦେବଗଡ